# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 April - 2024**

*News Editor : Tapan Kumar Maharana*

********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ୨୫ ତାରିଖରୁ ବିଦ୍ୟାଳୟଗୁଡ଼ିକ ପାଇଁ ଗ୍ରୀଷ୍ମ ଅବକାଶ ଘୋଷଣା କଲେ ରାଜ୍ୟ ସରକାର
- ଗତ ଆର୍ଥିକବର୍ଷରେ ଦେଶର ମୋଟ୍ ପ୍ରତ୍ୟକ୍ଷ ଟିକସ ବାବଦରେ ୧୯ ଦଶମିକ ୫/୮ ଲକ୍ଷ କୋଟି ଟଙ୍କା ସଂଗ୍ରହ
- ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲ ଅଂଚଳର କେତେକ ସ୍ଥାନରେ ନିଆଁ ଲାଗିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା

ଏବଂ

- ୪୪ ଦଶମିକ ୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହ ବାରିପଦା ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର

## ଗ୍ରୀଷ୍ମ ଅବକାଶ ଘୋଷଣା

ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ପାଇଁ ରାଜ୍ୟ ସରକାର ଆସନ୍ତା ୨୫ ତାରିଖରୁ ଗ୍ରୀଷ୍ମ ଅବକାଶ ଘୋଷଣା କରିଛନ୍ତି। ଗ୍ରୀଷ୍ମପ୍ରବାହ ଏବଂ ପାଣିପାଗ ବିଭାଗର ସୂଚନାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତାକାଲିଠାରୁ ବୁଧବାର ପର୍ଯ୍ୟନ୍ତ ୩ ଦିନ ପାଇଁ ବିଦ୍ୟାଳୟଗୁଡ଼ିକରେ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ଚାଲୁ ରହିବ। ଏହି ଅବକାଶ ସମୟରେ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଶିକ୍ଷା ଓ ଶୈକ୍ଷିକ କାର୍ଯ୍ୟକ୍ରମ ଜାରି ରହିବ। ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟଗୁଡ଼ିକୁ ପରିଚାଳନା କରାଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।

## ଟିକସ ଆଦାୟ

ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଦେଶର ମୋଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୧୯ ଦଶମିକ ୫/୮ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ୧୭ ଦଶମିକ ୭ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ୍ ୧୬ ଦଶମିକ ୬/୪ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ଆଦାୟ ହୋଇଥିଲା। ବଜେଟ୍ ଆକଳନ ତୁଳନାରେ ମଧ୍ୟ ଏହା ୭ ଦଶମିକ ୪ ପ୍ରତିଶତ ବୃଦ୍ଧି ପାଇ ୧ ଦଶମିକ ୩/୫ ଲକ୍ଷ କୋଟି ଟଙ୍କା ଅଧିକ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ସୂଚନା ଦେଇଛି। ସେହିଭଳି ବ୍ୟକ୍ତିଗତ

କର ପ୍ରଦାନ କ୍ଷେତ୍ରରେ ମଧ୍ୟ ୨୪ ଦଶମିକ ୨/୬ ପ୍ରତିଶତ ବୃଦ୍ଧି ପାଇ ୧୨ ଦଶମିକ ୦/୧ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ଗତ ଆର୍ଥିକବର୍ଷରେ ପ୍ରତ୍ୟକ୍ଷ କର ଫେରସ୍ତ ବାବଦରେ ସରକାର ୩ ଦଶମିକ ୭/୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହା ମଧ୍ୟ ଗତ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୨୨ ଦଶମିକ ୭/୪ ପ୍ରତିଶତ ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି।

## ଓଡ଼ିଶା ଆସିବେ ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆସନ୍ତା ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ବୋଲି ରାଜ୍ୟ ବିଜେପି ଉପସଭାପତି ଗୋଲୋକ ମହାପାତ୍ର ସୂଚନା ଦେଇଛନ୍ତି। ସେହି ଦିନ ସୋନପୁର ଗସ୍ତରେ ଯାଇ ଶ୍ରୀ ଶାହା ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ଆୟୋଜିତ ହେବାକୁ ଥିବା ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ମଧ୍ୟ ରହିଛି। ଶ୍ରୀ ମହାପାତ୍ର କହିଛନ୍ତି, ସେହିଦିନ ସୋନପୁରରୁ ଫେରି ଶ୍ରୀ ଶାହା ଭୁବନେଶ୍ୱରଠାରେ ରାତ୍ରିଯାପନ କରିବେ। ଭୁବନେଶ୍ୱରଠାରେ ମଧ୍ୟ ଦଳୀୟ ନେତୃବୃନ୍ଦଙ୍କ ସହ ନିର୍ବାଚନ ସ୍ଥିତି ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## କଂଗ୍ରେସ ପ୍ରାର୍ଥୀ ତାଲିକା

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଦଳ ନୂତନ ପ୍ରାର୍ଥୀ ଘୋଷଣା କରିଛି। ପୂର୍ବରୁ ଘୋଷିତ ମନୋଜ ଆଚାର୍ଯ୍ୟଙ୍କୁ ବଦଳ

କରି ସରୋଜ ପ୍ରଧାନଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ମନୋନିତ କରାଯାଇଛି ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି ।

## ସାଇକେଲ ଶୋଭାଯାତ୍ରା

ମତଦାନ ପାଇଁ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ କୋରାପୁଟ ଜିଲ୍ଲା ଜୟପୁର ପୌରପାଳିକା ପକ୍ଷରୁ ଆଜି ଏକ ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଛି । ଜିଲ୍ଲାପାଳ କିର୍ତ୍ତି ଭାସନ ଭି. ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆରୁ ଶୋଭାଯାତ୍ରା ବାହାରି ଟ୍ରାଫିକ୍ ଛକ, ମୁଖ୍ୟ ରାସ୍ତା, ପାୱାରହାଉସ୍ ଛକ, କୁମ୍ଭାର ସାହି, ଏନ୍‌କେଟି ରୋଡ୍ ଦେଇ ବିଶ୍ୱବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଏବଂ ଛାତ୍ରଛାତ୍ରୀ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ ।

## ନିର୍ବାଚନ ପ୍ରସ୍ତୁତି

କୋରାପୁଟ ଲୋକସଭା ଏବଂ ରାୟଗଡ଼ା ଜିଲ୍ଲା ୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ପ୍ରସ୍ତୁତି ଏବଂ ପରିଚାଳନା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି ।  ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ  ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଯୋଗଦେଇଥିଲେ । ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜନ କରିବା ଲକ୍ଷରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ମାଧ୍ୟମରେ ଯାଂଚ ବ୍ୟବସ୍ଥାକୁ କଡାକଡି କରାଯାଇଛି ।

## ଜଙ୍ଗଲ ନିଆଁ

ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲ ଅଂଚଳର କେତେକ ସ୍ଥାନରେ ନିଆଁ ଲାଗିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଶୁଷ୍କ ପାଗ ଏବଂ ପ୍ରବଳ ତାତି ଯୋଗୁଁ ସେହି ଅଂଚଳରେ ୩୧ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଛି ବୋଲି ବନବିଭାଗ କହିଛି । ଯୁଦ୍ଧକାଳିନ ଭିତ୍ତିରେ ତାହାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ବନବିଭାଗ କର୍ମଚାରୀ ଏବଂ ଅଗ୍ନି ନିର୍ବାପକ ସ୍କ୍ୱାଡ୍‌କୁ ସାମିଲ କରାଯାଇଛି । ଓଡ଼ିଶା ବିପର୍ଯ୍ୟୟ ତ୍ୱରିତ ପ୍ରଶମନ ଟିମ୍‌କୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଛି ବୋଲି ବନବିଭାଗ କହିଛି । ସେହିଭଳି ଅନୁଗୁଳ ଜଙ୍ଗଲାଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ନିଆଁ ଲାଗିଛି ବୋଲି ବନବିଭାଗ ସୂଚନା ଦେଇଛି ।

## ଜାତୀୟ ସିଭିଲ୍ ସର୍ଭିସ ଦିବସ

ଜାତୀୟ ନାଗରିକ ସେବା ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ସରକାରୀ କର୍ମଚାରୀଙ୍କର କଠିନ ପରିଶ୍ରମ, ନିଷ୍ଠା ଯୋଗୁଁ ସାଧାରଣ ଲୋକଙ୍କ ଜୀବନଯାତ୍ରା ସହଜସାଧ୍ୟ ହୋଇପାରୁଛି । ତେଣୁ ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ଏହି ଦିବସ ପାଳନ କରାଯାଉଛି । ଏହି ଦିବସ ଅବସରରେ **ରାଜ୍ୟପାଳ** ରଘୁବର ଦାସ ସମସ୍ତ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି । ସେହିପରି **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ନାଗରିକ ସେବା ଦିବସରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ 'ଷ୍ଟିଲ ଫ୍ରେମ୍ ଅଫ୍ ଇଣ୍ଡିଆ' ସ୍ୱଚ୍ଛ ଏବଂ

ପ୍ରତିକ୍ରିୟାଶୀଳ ପ୍ରଶାସନ ମାଧ୍ୟମରେ ନାଗରିକମାନଙ୍କୁ ସଶକ୍ତ କରିବା ସହ ଦେଶକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଛନ୍ତି। **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଏହି ଦିବସ ଅବସରରେ କହିଛନ୍ତି, ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କର ଅଗ୍ରଗତି ପାଇଁ ସରକାରୀ କର୍ମଚାରୀଙ୍କର କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ଭାରତର 'ଷ୍ଟିଲ୍ ଫ୍ରେମ୍' ସର୍ବଦା ସେବା, କର୍ତ୍ତବ୍ୟ ଏବଂ ଜନ କଲ୍ୟାଣ ଦ୍ୱାରା ପରିଚାଳିତ ହେଉ ବୋଲି ସେ କହିଛନ୍ତି।

## ଧାନ ସଂଗ୍ରହ

**ରାୟଗଡ଼ା** ଜିଲ୍ଲାରେ ଆସନ୍ତାମାସ ୧୭ ତାରିଖରେ ରବି ଧାନ ସଂଗ୍ରହ ମଣ୍ଡି ଶୁଭାରମ୍ଭ କରାଯିବ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଏ ସଂକ୍ରାନ୍ତ ବୈଠକରେ ୨୩୭ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ରବିଧାନ ସଂଗ୍ରହ ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ୮ଟି ମଣ୍ଡିର ବ୍ୟବସ୍ଥା କରାଯାଉଛି ବୋଲି ବୈଠକରୁ ଜଣାପଡିଛି।

## ଦୁର୍ଘଟଣା

ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ ଯୋଡେଙ୍ଗା ନିକଟରେ ଏକ ସଡକ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି।  ଏଥିରେ ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଅଟୋ ଏବଂ ଟ୍ରକ୍ ମଧ୍ୟରେ ମୁହାଁମୁହାଁ ଧକ୍କା ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ତେବେ ଘଟଣା ନେଇ ପୁଲିସ୍ ତଦନ୍ତ ଜାରି ରହିଛି।

## ପୁରସ୍କାର ପ୍ରଦାନ

ବୌଦ୍ଧ ଜିଲ୍ଲା ପୁଲିସ୍ ପକ୍ଷରୁ ଜନସେବାରେ ସହଯୋଗ ପାଇଁ ୧୩ ଜଣଙ୍କୁ ପୁରସ୍କୃତ କରାଯାଇଛି । ଜିଲ୍ଲା ପ୍ରୋତ୍ସାହନ ରାଶି ବାବଦରେ ୨ ହଜାର ଟଙ୍କା ଲେଖାଏଁ ସେମାନଙ୍କୁ ପ୍ରଦାନ କରାଯାଇଛି । ବିଭିନ୍ନ ସମୟରେ ଦୁର୍ଘଟଣା ତଥା ପୁଲିସ୍‌ର କାର୍ଯ୍ୟ ସମୟରେ ତାଙ୍କୁ ସହଯୋଗ ପ୍ରଦାନ କରିଥିବାରୁ ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଏହି ପ୍ରୋତ୍ସାହନ ରାଶି ଦିଆଯାଇଛି । ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ଉପସ୍ଥିତ ହୋଇ ଏହି ପୁରସ୍କାର ପ୍ରଦାନ କରିଥିଲେ ।

## ବିଜୁ ଶ୍ରମିକ ସାମୁଖ୍ୟ ସମ୍ମେଳନ

ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଜିଲ୍ଲାସ୍ତରୀୟ ବିଜୁ ଶ୍ରମିକ ସାମୁଖ୍ୟର ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମିକଙ୍କ କଲ୍ୟାଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଏହି ସମ୍ମେଳନରେ ଆଲୋଚନା ହୋଇଥିଲା ।

## ତାପମାତ୍ରା

ସମଗ୍ର ରାଜ୍ୟରେ ଆଜି ମଧ୍ୟ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହୋଇଛି । କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ତଥା କୁଆପଥର ବୃଷ୍ଟି ହୋଇଛି । ରାଜ୍ୟର ୯ଟି ସହରର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି । ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୬ ଡିଗ୍ରୀ ସେଲସିୟସ୍ ବାରିପଦାଠାରେ ରେକର୍ଡ କରାଯାଇଥିବାବେଳେ ନୂଆପଡାର ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ୍ ରହିଥିଲା । ଅନ୍ୟ ସହରଗୁଡ଼ିକ ମଧ୍ୟରେ ତାଳଚେର,

ଝାରସୁଗୁଡ଼ା, କେନ୍ଦୁଝର, ଅନୁଗୁଳ, ବଲାଙ୍ଗିର, ସୁନ୍ଦରଗଡ଼ ଏବଂ ବୌଦ୍ଧ ସହରର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍‌ଠୁ ଊର୍ଦ୍ଧ୍ୱରେ ରେକର୍ଡ କରାଯାଇଛି । ଏହା ବ୍ୟତୀତ ଅନ୍ୟ ୨୧ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ରହିଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି ।

ଟୁଇଟ୍ କରି ବିଜ୍ଞାନ କେନ୍ଦ୍ର କହିଛି, ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେବେ ପରବର୍ତ୍ତୀ ସମୟରେ ୨-୩ ଦିନ ପାଇଁ ତାପମାତ୍ରାରେ ୨ ରୁ ୩ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି ।

## କାଳବୈଶାଖୀ ବର୍ଷା

**ନୂଆପଡା** ଜିଲ୍ଲା ଖଡିଆଳ ସହରରେ ଆଜି କାଳବୈଶାଖୀ ସହ ପ୍ରବଳ ବର୍ଷା ହୋଇଛି । କୁଆପଥର ମାଡ ସହ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡିପଡିବା ଯୋଗୁଁ ଯୋଗାଯୋଗ ବ୍ୟାହତ ହୋଇଥିଲା । ଦମକଳବାହିନୀ ସେଠାରେ ପହଞ୍ଚି ଗଛଗୁଡ଼ିକୁ କାଟି ସଫା କରିବା ଯୋଗୁଁ ଯାତାୟାତ ସମ୍ଭବ ହୋଇଛି ।

*******************************